# ଜୟ ମଙ୍ଗଳା ହରିଜନ କଲ୍ୟାଣ ସମିତି

# ବନାମ

# ଓଡ଼ିଶା ରାଜ୍ୟ ଏବଂ ଅନ୍ୟମାନେ

## ମାର୍ଚ୍ଚ 3,1997

## [କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ବହିଷ୍କରଣ—ସାର୍ବଜନୀନ ପରିସର ଉପରେ ଜବରଦଖଲ–ଡାକ୍ତରଖାନା ପରିସରରେ ଅଣ-ଅଧିକୃତ ବାସଗୃହ ସ୍ଥାପନ—ପ୍ରାଙ୍ଗଣ ଭିତରେ ଥିବା ସମସ୍ତ ଜବରଦଖଲକୁ ହଟାଇବା ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ—ଆବେଦନକାରୀମାନେ ଯୁକ୍ତି ବାଢ଼ିଥିଲେ ଯେ, ଉଚ୍ଚ ନ୍ୟାୟାଳୟଙ୍କ ଆଦେଶର ସହାୟତା ନେଇ, ପ୍ରାଙ୍ଗଣ ବାହାରେ ଥିବା ସେମାନଙ୍କ ବାସଗୃହକୁ ମଧ୍ୟ ହଟାଯାଉଛି—ନିର୍ଣ୍ଣୟ, ଡାକ୍ତରଖାନା ପ୍ରାଙ୍ଗଣରେ ଅନଧିକୃତ କୁଟୀର ଥିବା ଜବରଦଖଲକାରୀଙ୍କୁ ବାହାର କରିବା ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସମ୍ପୂର୍ଣ୍ଣ ସଠିକ – ଯଦି ପ୍ରାଙ୍ଗଣ ବାହାରେ ରହୁଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ତେବେ ସେମାନେ ଉଚ୍ଚ ନ୍ୟାୟାଳୟଙ୍କ ନିକଟକୁ ଯିବେ, ଯିଏ ବ୍ୟକ୍ତିଗତ ମାମଲା ବିଚାର କରିବେ ଏବଂ ଆଇନ ଅନୁଯାୟୀ ଆଦେଶ ପାରିତ କରିବେ ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 1830-31/1997 ।

ଓଡ଼ିଶା ଉଚ୍ଚ ନ୍ୟାୟଳୟଙ୍କ ଓ. ଜେ. ସି. ସଂଖ୍ୟା 1415/96 ଏବଂ ଓ. ଜେ. ସି. ସଂଖ୍ୟା 9123/1996ରେ 12.3.96/2.9.96 ତାରିଖର ପାରିତ ରାୟ ଓ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଅନୀଲ କୁମାର ଗୁପ୍ତା-II ।

ପତିବାଦୀମାନଙ୍କ ପାଇଁ ପି. ଏନ୍. ମିଶ୍ର ।

ପ୍ରତିବାଦୀ ସଂଖ୍ୟା 18 ପାଇଁ ଶ୍ରୀମତୀ ଉଷା କୁମାର ଏବଂ ଅନିସ୍ ସୋହରାୱାର୍ଦୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା । ଆମେ ଉଭୟ ପକ୍ଷର ବିଜ୍ଞ ଅଧିବକ୍ତା ଶୁଣିଛୁ ।

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଆବେଦନଗୁଡ଼ିକ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ ଓଜେସି ସଂଖ୍ୟା 1415/96 ଏବଂ 9123/96 ରେ ଯଥାକ୍ରମେ ମାର୍ଚ୍ଚ 12,1996 ଏବଂ ସେପ୍ଟେମ୍ବର 2,1996 ର ଆଦେଶରୁ ଉତ୍ପନ୍ନ ହୋଇଛି । ଉଚ୍ଚ ନ୍ୟାୟାଳୟ ଏହି ଆକ୍ଷେପିତ ଆଦେଶରେ ନିମ୍ନମତେ ନିର୍ଦ୍ଦେଶ ଦେଇଛନ୍ତି ।

"ଆଜିଠାରୁ ତିନି ମାସ ମଧ୍ୟରେ ପ୍ରାଙ୍ଗଣ ଭିତରେ ଥିବା ସମସ୍ତ ଜବରଦଖଲକୁ ଠାବ କରି ଉଚ୍ଛେଦ କରିବାକୁ ଆମେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଉଛୁ । ଆବଶ୍ୟକ ପଡ଼ିଲେ, ଏପରି ଉଚ୍ଛେଦ ପାଇଁ ପୋଲିସର ସହାୟତା ଗ୍ରହଣ କରାଯିବ । ଆରକ୍ଷୀ ଅଧୀକ୍ଷକ ତାଙ୍କ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି ଯେ, ଯଦି ପୋଲିସ ସହାୟତା ଆବଶ୍ୟକ ହୁଏ, ତେବେ ତାହା ପ୍ରଦାନ କରାଯିବ ।"

ଆବେଦନକାରୀଙ୍କ ପାଇଁ ଏହା ଯୁକ୍ତି କରାଯାଇଛି ଯେ ସେମାନଙ୍କର ବାସଗୃହ ପ୍ରାଙ୍ଗଣ ବାହାରେ ଅବସ୍ଥିତ, କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ସହାୟତା ନେଇ ସେମାନଙ୍କୁ ବଳପୂର୍ବକ ବହିଷ୍କୃତ କରାଯାଉଛି । ରାଜ୍ୟ ତରଫରୁ ଉପସ୍ଥିତ ହୋଇଥିବା ଅଧିବକ୍ତା ଶ୍ରୀ ପି. ଏନ୍. ମିଶ୍ର ଉପସ୍ଥାପନ କରିଛନ୍ତି ଯେ, ଯେଉଁମାନେ ଜବରଦଖଲ କରିଛନ୍ତି ଏବଂ ଡାକ୍ତରଖାନା ପରିସରରେ ବାସଗୃହ ସ୍ଥାପନ କରିଛନ୍ତି, ସେମାନଙ୍କୁ ବାହାର କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଯେଉଁମାନଙ୍କର ପ୍ରାଙ୍ଗଣ ବାହାରେ ବାସଗୃହ ରହିଛି, ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ସରକାରଙ୍କ ଦ୍ୱାରା ନିଆଯାଇଥିବା ନିର୍ଦ୍ଦିଷ୍ଟ ଆଭିମୁଖ୍ୟକୁ ଦୃଷ୍ଟିରେ ରଖି, ଆବେଦନକାରୀଙ୍କ ଆଶଙ୍କା ଯେ ଯଦି ସେମାନଙ୍କ ବାସଗୃହ ବାସ୍ତବରେ ପ୍ରାଙ୍ଗଣ ବାହାରେ ଥାଏ, ତେବେ ସେମାନଙ୍କୁ ବହିଷ୍କାର କରାଯିବ, ଏହା ଭିତ୍ତିହୀନ । ତେଣୁ ଏହା ସ୍ପଷ୍ଟ କରାଯାଇଛି ଯେ, ଡାକ୍ତରଖାନା ପ୍ରାଙ୍ଗଣରେ ଆବଶ୍ୟକ ହେଉଥିବା ସ୍ୱାସ୍ଥ୍ୟକର ପରିସ୍ଥିତି ବଜାୟ ରଖିବା ପାଇଁ ଯେଉଁ ସବୁ ଜବରଦଖଲକାରୀଙ୍କ ଅନଧିକୃତ କୁଡ଼ିଆ ଆଦି ରହିଛି ସେମାନଙ୍କୁ ଉଚ୍ଛେଦ କରିବା ସମ୍ପର୍କରେ ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ସମ୍ପୂର୍ଣ୍ଣ ସଠିକ | ତେଣୁ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଏବଂ ଜାରି କରାଯାଇଥିବା ଆଦେଶ ସମ୍ପୂର୍ଣ୍ଣ ନିୟମାନୁକୂଳ ରହିଛି । ଯଦି ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ପାରିତ ଆଦେଶର ଫାଇଦା ଉଠାଇ ପ୍ରାଙ୍ଗଣ ବାହାରେ ରହୁଥିବା ଲୋକମାନଙ୍କ ବିରୋଧରେ ଏପରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ତେବେ ସେମାନଙ୍କ ପାଇଁ ଉଚ୍ଚ ନ୍ୟାୟାଳୟ ଯିବା ଏବଂ ବିଚାର ପାଇଁ ଉଚ୍ଚ ନ୍ୟାୟାଳୟ ସମ୍ମୁଖରେ ବିଚାର ପାଇଁ ଆବଶ୍ୟକ ହେଉଥିବା ତଥ୍ୟ ଉପସ୍ଥାପନ କରିବା ନିମନ୍ତେ ଖୋଲା ରହିବ । ଉଚ୍ଚ ନ୍ୟାୟାଳୟ ବ୍ୟକ୍ତିଗତ ମାମଲାଗୁଡ଼ିକର ଅନୁଧ୍ୟାନ କରିବେ ଏବଂ ଆଇନ ଅନୁଯାୟୀ ଉପଯୁକ୍ତ ଆଦେଶ ପ୍ରଦାନ କରିବେ ।

ତଦନୁସାରେ ଆବେଦନଗୁଡ଼ିକର ପରସମାପ୍ତି ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଆର୍. ପି. ଆବେଦନର ପରିସମାପ୍ତି ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା
ସଙ୍ଗୀତା ସେନାପତି
ଓଡ଼ିଶା ଉଚ୍ଚ ନ୍ୟାୟାଳୟ ,କଟକ